# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 09 August – 2025

*********************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନା' ମହିଳା ସଶକ୍ତୀକରଣ କ୍ଷେତ୍ରରେ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି; କହିଲେ ମୁଖ୍ୟମନ୍ତ୍ରୀ

– ଜୟପୁରରୁ ହିତାଧିକାରୀଙ୍କୁ ପ୍ରଦାନ କରାଗଲା ତୃତୀୟ କିସ୍ତି ଅର୍ଥ

- ଜାତୀୟ ଶିକ୍ଷାନୀତି ଶୈକ୍ଷିକ ଢାଞ୍ଚାରେ ନୂତନ ଦିଗଦର୍ଶନ ଦେବାରେ ସହାୟକ ହୋଇଛି ବୋଲି କହିଲେ ରାଜ୍ୟପାଳ

- ଭାଇ-ଭଉଣୀ ମଧ୍ୟରେ ସମ୍ପର୍କର ନିଦର୍ଶନ ସ୍ୱରୂପ ଆଜି ପାଳନ କରାଯାଉଛି ରକ୍ଷା ବନ୍ଧନ

– ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ଏବଂ

- ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶକ୍ତିଶ୍ରୀ କେନ୍ଦ୍ର ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କଲା ଉଚ୍ଚଶିକ୍ଷା ବିଭାଗ

*Desk*

# ସୁଭଦ୍ରା ଯୋଜନା କିସ୍ତି

ମା'ମାନେ ହେଉଛନ୍ତି ସମାଜର ସୃଷ୍ଟିକର୍ତ୍ତା ଏବଂ ସେମାନଙ୍କ ପାଖରେ ସମାଜକୁ ବାନ୍ଧି ରଖିବାର ଶକ୍ତି ରହିଛି।  ଏହି ଶକ୍ତି ଅତୁଳନୀୟ ଓ ଅବର୍ଣ୍ଣନୀୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କୋରାପୁଟ ଜିଲ୍ଲା ଜୟପୁରରୁ ଆଜି ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ତୃତୀୟ କିସ୍ତି ବଣ୍ଟନ କରିବା ଅବସରରେ ଶ୍ରୀ ମାଝୀ କହିଛନ୍ତି, ନାରୀଙ୍କୁ ସମ୍ମାନ ଦେବା ସହ ସଶକ୍ତ କରିବା ପାଇଁ ସୁଭଦ୍ରା ଯୋଜନା ପରିକଳ୍ପନା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଯୋଜନା ଆଧାରରେ ମହିଳାଙ୍କ ଅର୍ଥନୈତିକ, ସାମାଜିକ ଅଗ୍ରଗତି ହେବା ସହ ସେମାନେ ସଶକ୍ତ ହୋଇପାରୁଛନ୍ତି। ରାକ୍ଷୀ ପୂର୍ଣ୍ଣିମା ଅବସରରେ ଜୟପୁର ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ସମଗ୍ର ରାଜ୍ୟରେ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରାର ତୃତୀୟ କିସ୍ତି ବଣ୍ଟନ କରିଛନ୍ତି। କୋଟିଆର ସଫଳ ମହିଳା ଉଦ୍ୟୋଗୀ ପାଲୁ ହନ୍ତାଳଙ୍କୁ ତୃତୀୟ କିସ୍ତି ଅର୍ଥ ପ୍ରଦାନ କରି ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

**- V/O -Chief Minister**

ସୁଭଦ୍ରା ରାଶି ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୁଭଦ୍ରା ଏକ ଯୋଜନା ନୁହେଁ ଏହା ମହିଳାଙ୍କ ବିକାଶରେ ନୂଆ ଇତିହାସ ସୃଷ୍ଟି କରିଛି। ବିକଶିତ

ଭାରତରେ ନାରୀଶକ୍ତି ନିଜକୁ ସଶକ୍ତ, ସମୃଦ୍ଧ ଏବଂ ସ୍ୱାଭିମାନୀଭାବେ ପ୍ରତିଷ୍ଠା କରିବାରେ ଏହି ଯୋଜନା ସହାୟକ ହୋଇପାରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ ଓ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉପସ୍ଥିତ ଥିଲେ ।

ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଗତବର୍ଷ ସେପ୍ଟେମ୍ବର ମାସରୁ ଏହି ଯୋଜନାର ଆରମ୍ଭ କରିଛନ୍ତି । ୨୧ ବର୍ଷରେ ପଦାର୍ପଣ କରିଥିବା ମହିଳାମାନେ ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିପାରିବେ ।

***DHNKL/Sambalpur***

## ସୁଭଦ୍ରା ଯୋଜନା- ଜିଲ୍ଲା

ଢେଙ୍କାନାଳ ପୁରୁଣା ଜିଲ୍ଲା ପରିଷଦ ସଭାଗୃହଠାରେ ଅନୁଷ୍ଠିତ ସୁଭଦ୍ରା ଯୋଜନା ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ । ମହିଳାଙ୍କୁ ସଶକ୍ତୀକରଣ କରିବା ଦିଗରେ ସୁଭଦ୍ରା ଯୋଜନା ବେଶ୍ ସହାୟକ ହୋଇପାରିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

ସମ୍ବଲପୁର ଜିଲ୍ଲାରେ ସୁଭଦ୍ରାର ତୃତୀୟ କିସ୍ତିରେ ୨ ଲକ୍ଷ ୪୨ ହଜାର ମହିଳାଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥିଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଯୋଗଦେଇ ଏହି ଅର୍ଥରାଶି ବଣ୍ଟନ କରିଛନ୍ତି।

***Ganjam/Desk***

# ସମାବର୍ତ୍ତନ ଉତ୍ସବ

ଜାତୀୟ ଶିକ୍ଷାନୀତି-୨୦୨୦ ବିଶ୍ୱବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ଢାଞ୍ଚାରେ ନୂତନ ଦିଗଦର୍ଶନ ଦେବାରେ ସହାୟକ ହୋଇଛି। ପାଠ୍ୟକ୍ରମରେ ଏହି ନୀତିର ପ୍ରଚଳନ ଛାତ୍ରଛାତ୍ରୀଙ୍କୁ ସୃଜନଶୀଳତା, ଶୃଙ୍ଖଳା, ସାମାଜିକ, ନୈତିକତା ଆଦି ଶିକ୍ଷା ଦେଇପାରୁଛି ବୋଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୬ତମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ଭାରତ ଆଜି ବୈଷୟିକ ଜ୍ଞାନକୌଶଳଠୁ ଆରମ୍ଭ କରି ମହାକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ଆଦି ନାନାଦି କ୍ଷେତ୍ରରେ ବିଶ୍ୱରେ  ଅଗ୍ରଣୀ ରହିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ  ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଦେବା ସହିତ ଏହିକ୍ରମରେ ସାମାଜିକ ମୂଲ୍ୟବୋଧ ଏବଂ ସ୍ୱାବଲମ୍ବୀ ହେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି ବୋଲି କୁଳାଧିପତି କହିଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ’ ଉତ୍ସବରେ ଯୋଗଦେଇ ବିଶ୍ୱବିଦ୍ୟାଳୟର ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତରେ

ଯୁବଗୋଷ୍ଠୀଙ୍କ ଅଂଶଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ସୁସ୍ଥ ଜୀବନଯାପନ ପାଇଁ ସୁଷମ ଖାଦ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି,

**- V/O - Dharmendra Pradhan**

ସମାବର୍ତ୍ତନ ଉତ୍ସବରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜଙ୍କ ସହିତ ଅନ୍ୟ ମନ୍ତ୍ରୀ ଏବଂ ସାଂସଦ ମାନେ ଯୋଗଦେଇଛନ୍ତି। ବିଶ୍ୱବିଦ୍ୟାଳୟର ୩୮ଜଣଙ୍କୁ ସ୍ୱର୍ଣ୍ଣପଦକ, ୫୨ ଜଣଙ୍କୁ ପିଏଚ୍‌ଡି ଏବଂ ୪ଜଣଙ୍କୁ ଡି'ଲିଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଅପରାହ୍ନରେ ବ୍ରହ୍ମପୁର ସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ-ଆଇ.ଆଇ.ଏସ.ଇ.ଆର.'ର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଯୋଗଦେବେ ।

***Desk***

# ରକ୍ଷାବନ୍ଧନ

ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କର ନିଦର୍ଶନ ସ୍ୱରୂପ ଆଜି ସମଗ୍ର ଦେଶରେ ରକ୍ଷାବନ୍ଧନ ପର୍ବ ପାଳନ କରାଯାଉଛି । ଏହି ଅବସରରେ ଭଉଣୀମାନେ ସେମାନଙ୍କ ଭାଇ ହାତରେ ରାଖି ବାନ୍ଧି ସେମାନଙ୍କ ସମୃଦ୍ଧି, ଉତ୍ତମ ସ୍ୱାସ୍ଥ୍ୟ ଓ ମଙ୍ଗଳ କାମନା କରିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।  ପବିତ୍ର ରକ୍ଷାବନ୍ଧନ ପର୍ବ ଭାଇ ଓ ଭଉଣୀଙ୍କ

ମଧ୍ୟରେ ପ୍ରେମ ଓ ବିଶ୍ୱାସର ଅନନ୍ୟ ବନ୍ଧନକୁ ସୂଚିତ କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି ।

ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦୀଙ୍କ ପାଖକୁ ଅପରେସନ ସିନ୍ଦୂର ସ୍ମରଣାର୍ଥେ ଅମୃତସରରୁ ଗତକାଲି ବହୁସଂଖ୍ୟାରେ ରାଖି ପଠାଯାଇଥିଲା ।

ଜୟପୁର ଅରବିନ୍ଦ ନଗରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧିଛନ୍ତି ।

***Puri***

## ଶ୍ରୀମନ୍ଦିର-ରାକ୍ଷୀପୂର୍ଣ୍ଣିମା

ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ପର୍ବ ରକ୍ଷା ବନ୍ଧନ ତଥା ଗହ୍ମା ପୂର୍ଣ୍ଣମୀ ଆଜି ପାଳନ କରାଯାଉଛି । ସମ୍ପୂର୍ଣ୍ଣ ମାନବୀୟ ଚଳଣି ଆଧାରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଇଁ ସ୍ୱତନ୍ତ୍ର ପାଟରେ ବିଶାଳକାୟ ରାକ୍ଷୀର ପ୍ରସ୍ତୁତି ହୋଇଛି । ପାଟରା ବିଷୋୟୀ ସେବକଙ୍କ ଦ୍ୱାରା ପ୍ରସ୍ତୁତ ଏହି ସ୍ୱତନ୍ତ୍ର ରାକ୍ଷୀ ଓ ଗୁଆମାଳ ଭଉଣୀ ସୁଭଦ୍ରା' ବଡ଼ଭାଇ ବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ  ମଧ୍ୟାହ୍ନ ଧୂପ ପରେ ପିନ୍ଧାଯିବ ।

***Subarnpur/Desk***

## ଗଙ୍ଗାଧର ମେହେର ଜୟନ୍ତୀ

ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ସ୍ୱଭାବ କବି ଗଙ୍ଗାଧର ମେହେର ଅନ୍ୟତମ । ପ୍ରକୃତିର ଚିତ୍ରଣରେ ତାଙ୍କର ସ୍ୱତନ୍ତ୍ର ଦୃଷ୍ଟିକୋଣ ଅତ୍ୟନ୍ତ ଉଚ୍ଚକୋଟିର ଥିଲା । ଗଙ୍ଗାଧର ମେହେର ୧୮୬୨ମସିହା ଆଜିର ଦିନରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବରଗଡ ଅଞ୍ଚଳର ବରପାଲି ଠାରେ ଜନ୍ମଗ୍ରହଣ କରିଥିଲେ । କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଆଜି ତାଙ୍କର ଜନ୍ମସ୍ଥାନ ବରପାଲି ସହିତ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ସୁବର୍ଣ୍ଣପୁରର ମହାନଦୀ ସାହିତ୍ୟ ସଂସଦ ଓ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ଜୟନ୍ତୀ ପାଳନ ଉତ୍ସବରେ ସାହିତ୍ୟିକ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

***Ganjam/Desk***

## ହର୍ ଘର ତ୍ରିରଙ୍ଗା

ଦେଶ ଆସନ୍ତା ୧୫ ତାରିଖରେ ସ୍ୱାଧୀନତାର ୭୮ ବର୍ଷ ପାଳନ କରିବ। ଏହି ଅବସରରେ ହର ଘର ତ୍ରିରଙ୍ଗା ଅଭିଯାନ ଆଜିଠାରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ଚାଲିବ। ଜାତୀୟ ପତାକାକୁ ସମ୍ମାନ ଜଣାଇ ପ୍ରତ୍ୟେକ ନାଗରିକ ସେମାନଙ୍କର ଘର ଉପରେ ଜାତୀୟପତାକା ଉଡ଼ାଇ ସ୍ୱାଧୀନତା ଦିବସ ପାଳନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।

ବ୍ରହ୍ମପୁର ସ୍ଥିତ ରାମଲିଙ୍ଗମ ପାର୍କଠାରୁ ବାହାରି ଥିବା ତ୍ରିରଙ୍ଗା ଶୋଭାଯାତ୍ରାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଛନ୍ତି। ସେ କହିଛନ୍ତି, ଆଜିର ଦିନ ଉତ୍ସାହର ସହ ଦେଶପ୍ରେମକୁ ଜାଗ୍ରତ କରିବାର ଦିନ। ଆମର ଅର୍ଥନୀତିକୁ ମଜଭୁତ କରିବା ସହ ଜନସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ ଦେଶରେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ପାଇଁ ଜନଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

***Desk***

## ଶକ୍ତିଶ୍ରୀ ନିଯୁକ୍ତି

ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ଶକ୍ତିଶ୍ରୀ କେନ୍ଦ୍ର ସ୍ଥାପନ ଏବଂ ଶକ୍ତିଶ୍ରୀ ସାଥୀ ନିଯୁକ୍ତି ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ବିଭାଗ ପକ୍ଷରୁ ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଛାତ୍ରୀଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି କେନ୍ଦ୍ର ମାଧ୍ୟମରେ ଛାତ୍ରୀ ଏବଂ ମହିଳା କର୍ମଚାରୀଙ୍କ ସୁରକ୍ଷା, ସଶକ୍ତୀକରଣ ଓ ସୁରକ୍ଷିତ ପରିବେଶକୁ ଗୁରୁତ୍ୱ ପ୍ରଦାନ କରାଯିବ। ସମସ୍ତ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରୀଙ୍କୁ ଛଅ ଦିନିଆ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରାଯିବ। ମହିଳାଙ୍କ ସୁରକ୍ଷା ଏବଂ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ମଧ୍ୟ ଏହି କେନ୍ଦ୍ର ମାଧ୍ୟମରେ ଆୟୋଜନ

କରାଯିବ। ଶକ୍ତିଶ୍ରୀ ସାଥୀ ନିଯୁକ୍ତି ୨୦ ତାରିଖ ସୁଦ୍ଧା ଏବଂ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର ଆସନ୍ତା ୨୫ ତାରିଖ ସୁଦ୍ଧା ପ୍ରତିଷ୍ଠା କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ଚିଠିରେ ଉଲ୍ଲେଖ କରାଯାଇଛି।

***Baleswar/Desk***

# ଅଗଷ୍ଟକ୍ରାନ୍ତି ଦିବସ

ଦେଶପାଇଁ ଅସୀମ ତ୍ୟାଗ ଓ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରି ତଥା ଭାରତଛାଡ ଆନ୍ଦୋଳନର ସ୍ମୃତି ଉଦ୍ଦେଶ୍ୟରେ ଆଜିର ଦିନକୁ ଦେଶବ୍ୟାପୀ **ଅଗଷ୍ଟ କ୍ରାନ୍ତିଦିବସ** ଭାବେ ପାଳନ କରାଯାଉଛି। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଆରମ୍ଭ ହୋଇଥିବା ଭାରତଛାଡ ଆନ୍ଦୋଳନ ଦେଶର ଇତିହାସର ଦିଗ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ ଭାରତଛାଡ଼ ଆନ୍ଦୋଳନରେ ଭାଗ ନେଇଥିବା ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସ୍ୱାଧୀନତା ସଂଗ୍ରାମୀଙ୍କ ଅସୀମ ସାହସ ଓ ତ୍ୟାଗ ଦେଶବାସୀଙ୍କ ମନରେ ଦେଶାତ୍ମବୋଧକ ଭାବନା ଜାଗ୍ରତ କରିଥିଲା ।

ଓଡ଼ିଶା ସାମ୍ବାଦିକ ୟୁନିଅନ୍ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଅଗଷ୍ଟ କ୍ରାନ୍ତି ଦିବସ ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହ ସ୍ମୃତିପୀଠଠାରେ  ପାଳିତ ହୋଇଛି।